# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ,ସୁନ୍ଦରଗଡ଼

ପତ୍ର ସଂଖ୍ୟା- ୬୪ / ଗୃହରକ୍ଷୀ

ତା: ୨୧.୦୨.୨୦୨୫

## ସୁନ୍ଦରଗଡ଼ ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ନିମନ୍ତେ ସୂଚନା

ସୁନ୍ଦରଗଡ଼ ଜିଲ୍ଲା ର ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୁନ୍ଦରଗଡ଼ ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଧାରିତ ଫର୍ମ(BioData) ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ ,ସୁନ୍ଦରଗଡ଼ ଙ୍କ କାର୍ଯ୍ୟାଳୟ (R.O. ) ଠାରେ ତା:**୨୨.୦୨.୨୦୨୫** ରିଖ ଠାରୁ ତା:**୧୫.୦୩.୨୦୨୫** ରିଖ ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ନିଯୁକ୍ତି ପ୍ରକ୍ରିୟା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ (R.O) କିମ୍ବା ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ ,ବାହନ ଚାଳକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଥିବା ଆବେଦନକାରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଆଗ୍ରାଧିକାର ଦିଆଯିବ । ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା -୯୨ । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀ ଠାରୁ ଅଧିକ ହୁଏ , ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା / ସାକ୍ଷାତକାର ର ସମ୍ମୁଖୀନ ହେବାକୁ ପଡିବ । ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି, ଶୃଙ୍ଖଳା , ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳି ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No. 01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା,ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ (R.O) ଓ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**ଯୋଗ୍ୟତା:-**

ଆବେଦନ କରିବା ପାଇଁ ଜଣେ ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :

୧ ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।